ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟ ବାହାରେ ଅଟକି ରହିଥିବା ଓଡ଼ିଶାବାସୀଙ୍କୁ ସହାୟତା ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା

## ନିୟନ୍ତ୍ରଣ କକ୍ଷରେ ବାସ୍ତବ ସ୍ଥିତି ପରଖିଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୯/୦୩/୨୦୨୦

କୋଭିଡ୍-୧୯ ପରିପ୍ରେକ୍ଷୀରେ ସାରା ଦେଶରେ ହୋଇଥିବା ତାଲାବନ୍ଦ (ଲକ୍ ଡାଉନ୍) ଯୋଗୁଁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଓଡ଼ିଶାର ଶ୍ରମଜୀବୀ, ଛାତ୍ର, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କ ସହାୟତା ନିମନ୍ତେ ଓଡ଼ିଶା ସରକାର ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା କରିଛନ୍ତି । ଇତି ମଧ୍ୟରେ ରାଜ୍ୟ ନିୟନ୍ତ୍ରଣ କକ୍ଷରେ ବୈଷୟିକ ଆଧୁନିକୀକରଣ କରାଯାଇ ୨୦ଟି ଅଧିକ କଲ୍ ନମ୍ବରର ବ୍ୟବସ୍ଥା କରାଯାଇଛି । ବିଭିନ୍ନ ରାଜ୍ୟ ପାଇଁ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିୟୋଜିତ କରାଯାଇଛି । ଏହି ନୋଡାଲ୍ ଅଧିକାରୀମାନେ ଗୃହ ବିଭାଗରେ କାର୍ଯ୍ୟ କରୁଥିବା ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ୍ ରୁମ୍) ସହ ସଂଯୋଜିତ ରହିବେ । ନିୟନ୍ତ୍ରଣ କକ୍ଷର ଟେଲିଫୋନ୍ ନମ୍ବର-୦୬୭୪-୨୩୯୨୧୧୫ରେ ଆସୁଥିବା କଲ୍‌ଗୁଡ଼ିକର ଅନୁସରଣ କରି ତଦନୁଯାୟୀ ସଂପୃକ୍ତ ରାଜ୍ୟ ସରକାର ଓ ସଂସ୍ଥାମାନଙ୍କ ସହ ଯୋଗାଯୋଗ କରି ସେଠାରେ ଅଟକି ରହିଥିବା ଓଡ଼ିଆମାନଙ୍କ ନିମନ୍ତେ ମୌଳିକ ଆବଶ୍ୟକତାଗୁଡ଼ିକର ବ୍ୟବସ୍ଥା କରାଇବେ ।

ଆଜି ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ରାଜ୍ୟ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ବାସ୍ତବ ସ୍ଥିତି ପରଖିଥିଲେ । ନିୟନ୍ତ୍ରଣ କକ୍ଷରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ରା, କୋଭିଡ୍-୧୯ ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ବିଶାଲ ଦେବ ଓ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀ ଅମିତାଭ୍ ଠାକୁରଙ୍କ ସମେତ ନିୟନ୍ତ୍ରଣ କକ୍ଷରେ କଲ୍ ଗ୍ରହଣ କରୁଥିବା ଅଧିକାରୀମାନଙ୍କ ସହିତ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଆଲୋଚନା କରିଥିଲେ । ପରେ ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ବର୍ତ୍ତମାନ ନିୟନ୍ତ୍ରଣ କକ୍ଷକୁ ମୁଖ୍ୟତଃ କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲ୍‌ନାଡୁ, ତେଲେଙ୍ଗାନା ଓ ଗୁଜୁରାଟ ଆଦି ରାଜ୍ୟରେ ଅଟକି ରହିଥିବା ଓଡ଼ିଆମାନଙ୍କ ଠାରୁ ଟେଲିଫୋନ୍ ଆସୁଛି ଏବଂ ସେସବୁ ବିଷୟରେ ସଂପୃକ୍ତ ରାଜ୍ୟ ପ୍ରଶାସନ ସହ ଯୋଗାଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ରହିଯାଇଥିବା ଅନ୍ୟ ରାଜ୍ୟର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି । ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଓଡ଼ିଆମାନଙ୍କ ପାଇଁ ନିମ୍ନୋକ୍ତ ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିୟୋଜିତ କରାଯାଇଛି ।

| | |
|---|---|
| ତେଲେଙ୍ଗାନା | -ଡକ୍ଟର ୟେଦୁଲା ବିଜୟ, ଭା.ପ୍ର.ସେ<br>ଯୋଗାଯୋଗ ନଂ-୦୬୭୪-୨୩୨୩୦୬୮<br>ଇ-ମେଲ୍-vijayyeddula@gmail.com |
| ଆନ୍ଧ୍ରପ୍ରଦେଶ | -ବି. ପରମେଶ୍ୱରନ୍, ଭା.ପ୍ର.ସେ<br>ଯୋଗାଯୋଗ ନଂ-୦୬୭୪-୨୩୯୩୨୭୫<br>ଇ-ମେଲ୍-dirdws@gmail.com |

| | |
|---|---|
| ପଶ୍ଚିମ ବଙ୍ଗ | – ଶ୍ରୀ ଭାସ୍କରଜ୍ୟୋତି ଶର୍ମା, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୩୯୦୧୧୬<br>ଇ–ମେଲ୍–bhaskar.sarma@nic.in |
| ଗୁଜରାଟ | –ଡଃ ଜୱାଲେ ନିତିନ୍ ଭାନୁଦାସ୍, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୫୪୩୪୬୧<br>ଇ–ମେଲ୍–nitinjawale@nic.in |
| ମହାରାଷ୍ଟ୍ର | –ଶ୍ରୀ ରାଜେଶ ପ୍ରଭାକର ପାଟିଲ୍, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୩୯୨୯୦୬<br>ଇ–ମେଲ୍–rajeshpatilias@gmail.com |
| ତାମିଲନାଡୁ | –ଶ୍ରୀମତୀ ଚିତ୍ରା ଅରୁମୁଗମ୍, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୫୩୬୬୩୧<br>ଇ–ମେଲ୍–chitra.arumugam@nic.in |
| ବିହାର ଓ ଝାଡ଼ଖଣ୍ଡ | – ମହମ୍ମଦ୍ ସାଦିକ୍ ଆଲାମ୍, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୫୭୩୩୧୦<br>ଇ–ମେଲ୍–mdsadiquealam@gmail.com |
| କେରଳ | – ଡଃ ମୁଥୁକୁମାର, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୩୯୫୫୩୨<br>ଇ–ମେଲ୍–diragri.or@nic.in |
| ଦିଲ୍ଲୀ | –ଶ୍ରୀ ସଞ୍ଜୀବ ମିଶ୍ର, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୩୦୧୮୪୮୮<br>ଇ–ମେଲ୍–rc.odisha@gmail.com |
| ଅନ୍ୟ ସମସ୍ତ ରାଜ୍ୟ | –ଶ୍ରୀ ଅମିତାଭ୍ ଠାକୁର, ଭା.ପ୍ର.ସେ<br>ଯୋଗାଯୋଗ ନଂ–୦୬୭୪–୨୫୩୩୨୩୦<br>ଇ–ମେଲ୍–amitabh_thakur@hotmail.com |

ଉମାକାନ୍ତ ମହାପାତ୍ର
ଲୋକସଂପର୍କ ଅଧିକାରୀ, ମୁଖ୍ୟ ଶାସନ ସଚିବ